
# ତୃତୀୟ ପାଠ

## ବଣଭୋଜି



ଖୁସିରେ ପିଲେ  କରିଲେ ଭୋଜି
          ମାରିଲେ ମିଶି ତାଳି,
ଦେଖିଲେ ବଣ ଝରଣା ନଈ
          ଖାଇଲେ ବୁଲି କୋଳି।
ସଭିଏଁ ମିଳି ରାନ୍ଧି ଖାଇଲେ
          ଭାତ ଡାଲି ତରକାରୀ,
ମନଖୁସିରେ ଘରକୁ ଗଲେ
          ହିପ୍ ହିପ୍ ହୁର୍‌ରେ କରି ।

- ପିଲାମାନେ, ତୁମେ ତ ବଣଭୋଜି କରିଥିବ। ଏହିଠାରେ ଦେଖ ବଣଭୋଜିର ଚିତ୍ରଟିକୁ। ଏଥିରେ ପିଲାମାନେ କ'ଣ କ'ଣ ରାନ୍ଧି ଖାଇଛନ୍ତି ଅନୁମାନ କରି ଲେଖ।

| ଭୋଜିରେ ରାନ୍ଧି ଖାଇଥିବା ଖାଦ୍ୟର ନାମ | ସେହି ଖାଦ୍ୟଗୁଡ଼ିକ କେଉଁଥିରୁ ତିଆରି ? | ତୁମ ଅଞ୍ଚଳରେ ଏହାକୁ କିଏ ଯୋଗାଏ ? |
|---|---|---|
| | | |
| | | |
| | | |

ଏହାଛଡ଼ା ତୁମେ ଆଉ କ'ଣ କ'ଣ ଖାଅ, ଲେଖ।

ଚିତ୍ରରେ ରଙ୍ଗ ଦିଅ ।



ଆମେ ବଂଚିବା ପାଇଁ ଖାଦ୍ୟ, ରହିବା ପାଇଁ ଘର ଓ ପିନ୍ଧିବା ପାଇଁ ଲୁଗା ଦରକାର । ଏସବୁ ମିଳେ କେଉଁଠୁ ? ବିଭିନ୍ନ ଲୋକ ବିଭିନ୍ନ ପ୍ରକାର କାମ କରନ୍ତି । ସେମାନେ ଆମର ଦରକାରୀ ଜିନିଷ ସବୁ ଉତ୍ପାଦନ କରନ୍ତି । ଆମେ ସେମାନଙ୍କୁ ପଇସା ବା ଅନ୍ୟକିଛି ଜିନିଷ ଦେଇ ସେସବୁ କିଣୁ । ସେଗୁଡ଼ିକ ଯେଉଁମାନେ ଆମକୁ ଯୋଗାଇଥାଆନ୍ତି, ସେମାନଙ୍କ ବିଷୟରେ ଅଭିନୟ କରି ଗୀତଟିଏ ଗାଅ । ଗୀତରୁ ତାଙ୍କ ବୃତ୍ତି କ'ଣ ଅନୁମାନ କର ।

## ବୃତ୍ତି

ହାତରେ ଜାଲ, କାଖେ ଖାଳେଇ
ନଇ ପୋଖରୀ କୂଳେ,
ପାଣିରୁ ଧରି ଆଣିଲେ ମାଛ,
କୁଟୁମ୍ବ ମୋର ଚଳେ ।





ବରଷା ଖରା ଶୀତ କାକର
ସହି ଥରକୁ ଥର,
ସରଜି ଦିଏ ଫସଲ ଢେଉ
ଏଇ କ୍ଷେତରେ ମୋର ।

ଗାଈ ମଇଁଷି ପାଳଇ ମୁହିଁ
ପାଳେ କୁକୁଡ଼ା ଛେଳି,
ଅରଜି ଧନ ସେହି କାମରୁ
କୁଟୁମ୍ବ ମୋର ପାଳି।



ବୁଲାଇ ଚକ ଚଳାଇ ହାତ
ମାଟି ପିଣ୍ଡୁଳା ପରେ,
ହାଣ୍ଡି ପଲମ ମାଠିଆ ଘଡ଼ି
ଗଢ଼ଇ ମଉଜରେ।



ବାଙ୍କ ସଳଖି ବାରିସି ଧାରେ
କରତେ କାଟି କାଠ,
ମେଜ ଚଉକି ଲଙ୍ଗଳ କଣ୍ଟି
ଗଢ଼ି ପୋଷଇ ପେଟ।



ଭାଟିରେ ମୋର ତାତିଲା ଲୁହା
ହାତୁଡ଼ି ମାଡ଼ ଖାଏ,
ଦାଆ କଟୁରୀ କୋଦାଳ କୋଡ଼ି
ମୁହିଁ ଯୋଗାଇ ଦିଏ।



ଚଳାଇ ତନ୍ତ କରି ମିହନ୍ତ
ବୁଣେ କପଡ଼ା ଥାନ,
ଲୁଗା ଗାମୁଛା ଶାଢ଼ି ଯୋଗାଇ
ମେଣ୍ଟାଏ ଗୁଜୁରାଣ।



**ଶିକ୍ଷକଙ୍କ ପାଇଁ ସୂଚନା -** ପିଲାମାନେ ଗୋଲେଇ କରି ଛିଡ଼ା ହେବେ। ଗୀତଟିକୁ ଅଭିନୟ ସହ ଶିକ୍ଷକ ଆବୃତ୍ତି କରିବେ। ପିଲାମାନେ ଶିକ୍ଷକଙ୍କୁ ଦେଖି ଆବୃତ୍ତି କରିବା ସଙ୍ଗେ ସଙ୍ଗେ ଅଭିନୟ କରିବେ। ଏହିପରି ଥରେ ଆବୃତ୍ତି ପରେ ଶିକ୍ଷକ ଅଭିନୟ କରିବେ, ପିଲାମାନେ ପଦ ଆବୃତ୍ତି କରିବେ। ତା'ପରେ ପିଲାମାନେ ନିଜେ ନିଜେ ସେମାନଙ୍କ ମଧ୍ୟରେ ଏହିପରି କରିବେ ।

ଆମେ ସାଧାରଣତଃ ଭାତ, ରୁଟି, ଡାଲି, ପନିପରିବା, ଦୁଧ, ମାଛ, ମାଂସ, ଅଣ୍ଡା ଓ ଫଳମୂଳ ଖାଇଥାଉ । ଖାଦ୍ୟ ପାଇଁ ଆମେ ଫସଲ ଉପରେ ନିର୍ଭର କରୁ । ଭାତ ପାଇଁ ଚାଉଳ ଦରକାର । ଚାଉଳ ଧାନରୁ ମିଳେ । ରୁଟି ପାଇଁ ଅଟା ଦରକାର । ଅଟା ଗହମରୁ ମିଳେ । ହରଡ଼, ମୁଗ, ବିରି, କୋଳଥରୁ ଡାଲି ମିଳେ । ଏସବୁକୁ ଖାଦ୍ୟ ଶସ୍ୟ କୁହାଯାଏ । ଆଉ ମଧ୍ୟ ସୋରିଷ, ବାଦାମ, ରାଶି(ଖସା), ଅଳସି, ସୂର୍ଯ୍ୟମୁଖୀ, ନଡ଼ିଆ ଇତ୍ୟାଦିରୁ ତେଲ ମିଳେ । ଆଳୁ, ବାଇଗଣ, କଦଳୀ, କଲରା, ଭେଣ୍ଡି, ଜହ୍ନି, କୋବି, ଟମାଟୋ ଆଦି ପରିବା ଆମେ ଖାଇଥାଉ । ଆମ୍ବ, ଅମୃତଭଣ୍ଡା, ପିଜୁଳି, ପଣସ, ସେଓ ଭଳି ଫଳ ଆମେ ବେଳେବେଳେ ଖାଉ । ଖାଦ୍ୟଶସ୍ୟ, ପନିପରିବା ଓ ଫଳମୂଳ ଚାଷରୁ ମିଳେ । ଯିଏ ଏସବୁ ଚାଷ କରନ୍ତି ତାଙ୍କୁ **ଚାଷୀ** ବା **କୃଷକ** କହୁ ।

ଏହାଛଡ଼ା ସ୍ୱାସ୍ଥ୍ୟ ପାଇଁ ଆମେ ଗାଇ ଓ ମଇଁଷିର କ୍ଷୀର ପିଉ, ମାଛ ଖାଉ । ଅଣ୍ଡା ପାଇଁ କୁକୁଡ଼ା ଓ ବତକ ପାଳୁ । ମାଂସ ପାଇଁ ଛେଳି, ମେଣ୍ଢା ଓ କୁକୁଡ଼ା ଉପରେ ନିର୍ଭର କରୁ । ଏସବୁକୁ ଯେଉଁମାନେ ପାଳି ବ୍ୟବସାୟ କରନ୍ତି, ସେମାନଙ୍କୁ **ଗୋପାଳକ** ଓ **ପଶୁପାଳକ** କୁହାଯାଏ ।

ନିମ୍ନଲିଖିତ ଲୋକମାନେ ଆମକୁ କ'ଣ ଯୋଗାଇଥାଆନ୍ତି ?

| | |
|---|---|
| ଚାଷ କାମ କରୁଥିବା ଲୋକ | |
| ମାଛ ଧରାଳି | |
| ଲୁହା କାମ କରୁଥିବା ଲୋକ | |
| ହାଣ୍ଡିମାଠିଆ ଗଢୁଥିବା ଲୋକ | |
| କାଠକାମ କରୁଥିବା ଲୋକ | |

ଲୋକମାନେ ବିଭିନ୍ନ କାର୍ଯ୍ୟକରି ପରିବାର ଚଳାନ୍ତି । ଏଗୁଡ଼ିକ ସେମାନଙ୍କର **ଜୀବିକା** ବା **ବୃତ୍ତି** ଅଟେ । ଆଗରୁ ପୁରୁଷାନୁକ୍ରମେ ବିଭିନ୍ନ ପରିବାରର ଲୋକେ ଭିନ୍ନ ଭିନ୍ନ କାମକୁ ସେମାନଙ୍କର ଜୀବିକା ରୂପେ ଗ୍ରହଣ କରି ଆସୁଥିଲେ । ଆଜିକାଲି କୌଣସି ପରିବାର ବା ଲୋକଙ୍କୁ ଯେକୌଣସି ବୃତ୍ତି କରିବା ପାଇଁ ମନା ନାହିଁ ।

**ଶିକ୍ଷକଙ୍କ ପାଇଁ ସୂଚନା :**

୧. ନିଜ ଅଞ୍ଚଳରେ ବିଭିନ୍ନ ବୃତ୍ତିରେ ନିୟୋଜିତ ଲୋକଙ୍କ କାର୍ଯ୍ୟସ୍ଥଳୀକୁ ପିଲାଙ୍କୁ ନେଇ ବୁଲି ଦେଖାଇ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବେ ।

୨. ବିଦ୍ୟାଳୟକୁ ବିଭିନ୍ନ ବୃତ୍ତିର ଲୋକଙ୍କୁ ଡାକି ସେମାନଙ୍କ କାମ ବିଷୟରେ ପିଲାଙ୍କ ସହ ଆଲୋଚନା କରାଇବେ ।

## ଅଭ୍ୟାସ

୧. 'କ'ସ୍ତମ୍ଭରେ ଦିଆଯାଇଥିବା ଖାଇବା ଜିନିଷ ସହିତ 'ଖ' ସ୍ତମ୍ଭରୁ ଉପଯୁକ୍ତ ନାମ ବାଛି ଯୋଡ଼।

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ |
| --- | --- |
| ଚାଉଳ | ମତ୍ସ୍ୟଜୀବି |
| ମାଛ | ଗୋପାଳକ |
| ଲହୁଣି | କୃଷକ |
| | କାରିଗର |

୨. ନିମ୍ନରେ କୃଷକ କରୁଥିବା ଗୋଟିଏ କାମ ଲେଖାଯାଇଛି। ସେହିପରି ସେ କରୁଥିବା ଆଉ ତିନୋଟି କାମ ଲେଖ।

(କ) ଜମି ହଳ କରେ।

(ଖ)...................।  (ଗ)...................।  (ଘ)...................।

୩. ଚାଷୀ ଅମଳ କରୁଥିବା କେତୋଟି ଫସଲର ନାମ ତଳେ ଦିଆଯାଇଛି। ଏଥିରୁ କେଉଁଗୁଡ଼ିକୁ ଆମେ ଡାଲି ଭାବରେ ବ୍ୟବହାର କରୁ ବାଛି ଲେଖ।

ମାଣ୍ଡିଆ, ହରଡ଼, ଗହମ, କୋଳଥ, କପା, ସୂର୍ଯ୍ୟମୁଖୀ, ନଳିତା, ମୁଗ

୪. ତୁମ ଘରେ କେଉଁ କେଉଁ ପରିବା ଖାଅ, ତା'ର ଏକ ତାଲିକା କର।

---

---

୫. ଚିତ୍ରଗୁଡ଼ିକୁ ଲକ୍ଷ୍ୟ କର। ଏସବୁ କେଉଁଥିରୁ ତିଆରି ? ଏହା ସହିତ ସଂପୃକ୍ତ ବୃତ୍ତିର ନାମ କ'ଣ ?



୬. କେଉଁ କାମରେ ଲାଗେ ?


କୋଦାଳ ................................ କଳାପଟା................................

କରତ.................................. ମାଟି..................................

୭. ତଳ ଅକ୍ଷର-ଟେବୁଲରେ ବିଭିନ୍ନ ଜୀବିକା ସଂପର୍କୀୟ ବସ୍ତୁ ଲୁଚି ରହିଛି । ଖୋଜି ବାହାର କରି ଜୀବିକା ସହ ଯୋଡ଼ି ପାଖ ଟେବୁଲରେ ଲେଖ ।

| | | | | | |
|---|---|---|---|---|---|
| ଅ | ଖ | ଡ଼ | ଟା | ବ | ଶ |
| ହା | ଜା | ଲ | ଙ୍ଗି | ନି | ତୁ |
| ଗ | ଟ | ଙ୍ଗ | ଆ | ଣି | ଡ଼ି |
| ଙ୍ଗା | ଳ | ଚ | ସ୍ତ୍ରୀ | ମି | ଙ୍କ |
| ସା | ଫ | କ | ଇ | ଝି | ଣ୍ଡି |

| ବସ୍ତୁ | ଜୀବିକା |
|---|---|
| ହାତୁଡ଼ି | ଲୁହାକାମ |
| | |



ତୁମ ପାଇଁ କାମ -

- ଯେ କୌଣସି ଗୋଟିଏ ବୃତ୍ତି ବିଷୟରେ, ସେହି ବୃତ୍ତି କରୁଥିବା ବ୍ୟକ୍ତିଠାରୁ ପଚାରି ଲେଖ ।
- ତୁମେ ଜାଣିଥିବା ୧୦ଟି ହତିଆରର ନାମ ଲେଖ ଓ ସେଗୁଡ଼ିକର ଚିତ୍ର ଆଙ୍କି ସେଥିରେ ରଙ୍ଗ ଦିଅ ।
- ତୁମେ ଦେଖିଥିବା ୧୦ଟି ଶସ୍ୟ ସଂଗ୍ରହ କର ଓ ସେଗୁଡ଼ିକର ନାମ ଲେଖି ଛୋଟ ଛୋଟ ମୁଣିରେ ସାଇତି ରଖ ।

